
# Prospectus



The first of its kind in your area

D - Divine
A - Angelic
V - Vedic
School




**'A synthesis of Tradition & Modernity'**

that brings out the potentiality of your child
(Both English & Oriya medium)

Step in!
Join and feel the difference!!

**ଆମର ଲକ୍ଷ୍ୟ –** ଓଡ଼ିଆ ଭାଷା ମାଧ୍ୟମରେ ଆମ ସଂସ୍କୃତି ଓ ପରମ୍ପରାକୁ ଭଲ ଭାବରେ ବୁଝିବା ପାଇଁ ପିଲାମାନଙ୍କୁ ପ୍ରେରଣା ଦେବା ଆମର ଲକ୍ଷ୍ୟ । ବୈଦିକ ସଂସ୍କୃତିକୁ ପାଥେୟ କରି, କିଭଳି ପାଶ୍ଚାତ୍ୟ ଦେଶ ମାନେ ଆଜି ଉନ୍ନତିର ଶିଖରରେ ପହଁଚି ପାରିଛନ୍ତି – ସେଇ କଥା ପିଲାମାନଙ୍କ ମନରେ ଭରି ଦେବା ହିଁ ଆମର ମୂଳ ଉଦ୍ଦେଶ୍ୟ । ଦ୍ୱିତୀୟତଃ, ଇଂରାଜୀ ଭାଷାକୁ ଆୟତ୍ତ କରିବା ପାଇଁ ନିଜର ମାତୃଭାଷା ନିହାତି ଜରୁରୀ – ଏଥିରେ ସନ୍ଦେହ ନାହିଁ । ଅତଏବ ପାରମ୍ପରିକ ଜ୍ଞାନ ସହିତ ଆଧୁନିକ ଶିକ୍ଷାର ଅପୂର୍ବ ମିଶ୍ରଣ ପାଇଁ ଆମର ଏ ପରିକଳ୍ପନା ।







କେବଳ ଶିକ୍ଷା ଯଥେଷ୍ଟ ନୁହେଁ, ସଂସ୍କାର ବିହୀନ ଶିକ୍ଷା ସମାଜର ମଙ୍ଗଳ ଅପେକ୍ଷା ବେଶୀ ଅମଙ୍ଗଳ କରେ । ମା' ମାଟି, ମାତୃଭାଷାକୁ ସମ୍ମାନ ଦେବା ଆମର କର୍ତ୍ତବ୍ୟ, ହେଲେ ବିଦେଶୀ ଭାଷାର ଅସମ୍ମାନ କରିବା ସଂସ୍କାର ବିରୋଧି ସେଇଥିପାଇଁ ବୋଧେ ଆମ ବୈଦିକ ବାଣୀ "ବସୁଧୈବ କୁଟୁମ୍ବକମ୍"ର ଯଥାର୍ଥତା । ***"Entire world is a family".***

**'ଜ୍ଞାନ ହିଁ କ୍ଷମତା'** – ସମସ୍ତେ ଏ କଥା ଜାଣନ୍ତି । ଆଜିର ପୃଥିବୀରେ ଇଂରାଜୀ କହିପାରୁଥିବା ଲୋକକୁ ଆମେ ଜ୍ଞାନୀ ବୋଲି ଭାବୁ । କିନ୍ତୁ ଆମର ମନେ ରଖିବା ଉଚିତ୍, ଇଂରାଜୀ ଏକ ଭାଷା ମାତ୍ର, ପ୍ରକୃତ ଜ୍ଞାନ କିନ୍ତୁ ମିଳିଥାଏ ସଂସ୍କୃତି ଓ ପରମ୍ପରାରୁ, ଅବଶ୍ୟ ଜ୍ଞାନର ପରିପ୍ରକାଶ ପାଇଁ, ଇଂରାଜୀ ଭାଷାର ଯଥେଷ୍ଟ ଆବଶ୍ୟକତା ଅଛି । ଏହାକୁ ଦୃଷ୍ଟିରେ ରଖି, ଆମେ ଆପଣେଇ ନେଇଛୁ ଏକ ଅଭିନବ ରାସ୍ତା । ଓଡ଼ିଆ ମାଧ୍ୟମରେ ଇଂରାଜୀ ଭାଷାକୁ ଅତି ସହଜରେ କିଭଳି ଆୟତ୍ତ କରି ହେବ, ସେ କୌଶଳ ଆମର ଅଭିଜ୍ଞ ଶିକ୍ଷକମାନେ ପିଲାମାନଙ୍କୁ ଜଣାଇବେ । 'ମୂଳ ଓଡ଼ିଆ' ହେଲେ "ସୌଧ ଇଂରାଜୀ" – ଏହାହିଁ ସାନ୍ଦିପନୀ ଗୁରୁକୁଳର ଲକ୍ଷ୍ୟ ।

**ଏଣୁ 'ଓଡ଼ିଆ'** ମାଧ୍ୟମରେ ଶିକ୍ଷାଦାନ କରି ପିଲାମାନଙ୍କୁ 'ଇଂରାଜୀ' ଭାଷାରେ ନିପୁଣ କରିବା ଏହି ବିଦ୍ୟାଳୟର ପ୍ରାଥମିକତା **St. Xavier's High School** ର ଅଭିନବ ପଦକ୍ଷେପ ଆଗାମୀ ଛାତ୍ର ସମାଜ ପାଇଁ ନିଶ୍ଚୟ ସହାୟକ ହେବ । ପ୍ରାଚୀନ ଗୁରୁକୁଳର ଧାରଣା ସୃଷ୍ଟି କରିବା ପାଇଁ, ହୋହଲ୍ଲା ଠାରୁ ବହୁ ଦୂରେ ଥିବା ଏ ସ୍କୁଲ୍ ଆଧୁନିକ ଜ୍ଞାନ ବିଜ୍ଞାନର ବ୍ୟବହାରକୁ ପହଞ୍ଚାଇବ ଧୂଳି ମାଟିର ମଣିଷ ପାଖରେ ।

**"ବନ୍ଦେ ଉତ୍କଳ ଜନନୀ" ।**





"ମାତୃଭୂମି ମାତୃ ଭାଷାରେ ମମତା, ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ, ଗଣିବା ଅଜ୍ଞାନୀ ରହିବେ ନାହିଁ ।"

*ସ୍ୱଭାବ କବି ଗଙ୍ଗାଧର ମେହେର*

Actually, mother and motherland is superior to Heaven.
"Mother tongue is in our blood,
it comes out spontaneously at the time of need."

ହଁ ଆଜ୍ଞା,

ସ୍ୱଭାବ କବିଙ୍କର ଏଇ ପଦକ ବାଣୀ, ପ୍ରତିଟି ଓଡ଼ିଆ ପ୍ରାଣରେ ସୃଷ୍ଟି କରେ ଅପୂର୍ବ ଆଲୋଡନ ହୃଦୟତନ୍ତ୍ରୀ ବିଲପି ଉଠେ 'ଅଚିହ୍ନା ଆକାଶ'କୁ ଚିହ୍ନି ପାରିବା ପରେ ପୁଣି "ଚିହ୍ନାମାଟି"କୁ ଫେରି ଆସିବା ପାଇଁ ସବୁବେଳେ ଆମେ ଗର୍ବ କରୁ "ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ" ବୋଲି । ହେଲେ ଓଡ଼ିଆ କହୁଥିବା ଲୋକ ଅପେକ୍ଷା, ଆମେ ଇଂରାଜୀ କହୁଥିବା ଲୋକଙ୍କୁ ବେଶୀ ସମ୍ମାନ ଦେଉ । କେବଳ ସେଇଥି ପାଇଁ "ଅଚିହ୍ନା ଆକାଶରୁ, ଚିହ୍ନା ମାଟିକୁ" ଆମ ଭବିଷ୍ୟତ ପିଢିକୁ ଫେରେଇ ଆଣିବା



## ଆମସହ କଥାହବୋ ପାଇଁ ଏବଂ ଦୂରାଭାଷ:-
## ନୂଆ ନାମ ଲଖୋଇବା ପାଇଁ

Divine Angelic Vedic School
DAV

## ଓଡ଼ିଶା, ଓଡ଼ିଆ, ସଂସ୍କୃତି, ପରମ୍ପରା

+

## D-ଶିକ୍ଷା

**ଇଂରାଜୀ ଓ ଆଧୁନିକ ତା**

**A ଗବେଷଣା**

**V ସଂସ୍କାର**